




# କେନ୍ଦ୍ରାପଡ଼ା କଥା

ଜିଲ୍ଲା ପ୍ରଶାସନର ପାକ୍ଷିକ ମୁଖପତ୍ର

Volume.-1 Issue-2 2019 Kendrapara No. of Pages - 4


## Odisha Govt. Announces "MO SARKAR" intiative from October -2

Chief Minister Naveen Patnaik will launch the 'Mo Sarkar (My Government)' programme from October -2, 'Ganddhi Jayanti' to make administration more accountable and responsive to the needs of the common people.

After hoisting the national flag on Independence Day, the Chief Minister said under the new programme he will call people and inquire about the quality of service being provided at police stations and hospitals. "I will seek feedback about citizen-centric services given by senior government officers at both district and state level. Also, ministers will also ask people about their experience at government offices," he said.

The Chief Minister said, "If any rural household is deprived of electricity connection, then you can file an application at the local panchayat office and you will get power connection within 48 hours." He announced that all departments will implement the 'Mo Sarkar' programme in the second phase by March -5, 2020.

"The Government is functioning due to taxpayers' money. Thus, we have taken this important decision today," he said, adding the decision was part of his 5T mantra- Transparency, Technology, Teamwork, transformation and Time in order to bring about a transformation in the way the government functions.

The Chief Minister also launched the on-line land



revenue payment system to ease the process to benefit common people including farmers. He said that the new system will provide great relief to farmers who had to run to government offices and face a cumbersome process to pay land revenue.

Under the system developed by National Informatics Centre (NIC), Bhubaneswar, anybody can make payment and get a receipt within minutes. A farmer of Bhubaneswar Tahasil Manoj Kumar Das paid his dues via video conferencing demonstrating the efficacy of the new system. The Chief Minister also interacted with the users of the new system from Sundargarh, Ganjam, Nabarangpur and Puri.

Secretary of 5-T initiative VK Pandian informed that all government services will be available online with the minimum human interface by August, 2020 which is the basic tenet of the initiative.

The Chief Minister dedicated Mahatma Gandhi's talisman at the Loka Seva Bhavan Palm Court as part of his 150th birth anniversary celebrations. Veteran freedom fighters Bhawani Patnaik and Nilamani Samal, members of the 150th birth anniversary Committee and senior officials were present. Later in the evening, Naveen also inaugurated the ninth storied Karavala Bhavan which will house 11 departments of the State Government.

## ଜିଲ୍ଲା ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ସିଙ୍ଗଲ ୱିଣ୍ଡୋ ସେବା "ସ୍ୱାଭିମାନ" ର ଶୁଭାରମ୍ଭ

ରାଜ୍ୟ ସରକାର ସମାଜର ଦୁର୍ବଳ ବର୍ଗଙ୍କ ସାମାଜିକ, ଅର୍ଥନୈତିକ ବିକାଶ କରାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତେ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ଜିଲ୍ଲା ପ୍ରଶାସନ



(ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ) କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ "ଭିନ୍ନକ୍ଷମବ୍ୟକ୍ତିଙ୍କ ଅଧିକାର ଅଧିନିୟମ-୨୦୧୬"ର ଧାରା ଅନୁଯାୟୀ ଗୋଟିଏ ଛତା ତଳେ ଜିଲ୍ଲାସ୍ତରରୁ ବ୍ଲକ ସ୍ତର ମଧ୍ୟରେ ବିଭିନ୍ନ ପ୍ରକାରର ଭିନ୍ନକ୍ଷମ କଲ୍ୟାଣ ଯୋଜନାକୁ ସାମିଲ କରାଇ ସଶକ୍ତ କରିବା ନିମନ୍ତେ ପ୍ରସ୍ତୁତ କରିଥିବା ନୂଆ କାର୍ଯ୍ୟକ୍ରମ "ସ୍ୱାଭିମାନ" ଶୁଭାରମ୍ଭ କରାଯାଇଛି । ଯାହା ଭିନ୍ନକ୍ଷମ ମାନଙ୍କୁ ବିଭିନ୍ନ ପ୍ରକାରର ସେବା ଓ ସମାନତା ଯୋଗାଇ ଦେବାର ପ୍ରତିଶୃତି ବହନ କରେ । ଏହା ମଧ୍ୟରେ ୧୨ ପ୍ରକାରର ସେବାକୁ ସେମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲ୍ଲା ପ୍ରଶାସନ ଏକ ସଂକଳ୍ପ ପତ୍ର ତା ୧୯.୦୮. ୨୦୧୯ରିଖ ରେ ମହାକାଳପଡ଼ା ବ୍ଲକ ପରିସରରେ ପ୍ରକାଶ କରି ଯେଉଁଥିରେ ସମସ୍ତ ଭିନ୍ନକ୍ଷମଙ୍କୁ ସାମିଲ କରାଯିବ ତାହାର ଏକ ଛବି ଜିଲ୍ଲାବାସୀଙ୍କ ଆଗରେ ରଖିଛନ୍ତି । ଉପରୋକ୍ତ ତାରିଖରେ ମହାକାଳପଡ଼ାର ମାନ୍ୟବର ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ, ଜିଲ୍ଲାପାଳ କେନ୍ଦ୍ରାପଡ଼ା ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି ।

ଏହି କାର୍ଯ୍ୟକ୍ରମରେ ୭୩ ଜଣ ଭିନ୍ନକ୍ଷମ ଛାତ୍ରଙ୍କୁ ବାଣୀଶ୍ରୀ ଶିକ୍ଷାବୃତ୍ତି, ୧୦ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପିଲାଙ୍କୁ ଉଚ୍ଚତର ଶିକ୍ଷାବୃତ୍ତି, ୨୫ ଜଣଙ୍କୁ କମ୍ ସୁଧହାରରେ ଋଣ, ୬ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ବୃତ୍ତି ନିମନ୍ତେ ଅଧିକ ସହାୟତା, ୭ ଜଣଙ୍କୁ ୩ ଚକିଆ ସାଇକେଲ, ୨୮ ଜଣଙ୍କୁ ହୁଇଲ ଚେୟାର, ୬୭ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, କାଲିପର, ଜୋତା, ଆଶାବାଡ଼ି ଆଦି ବଣ୍ଟନ କରାଯାଇଥିଲା । ଆସନ୍ତା ଜାନୁୟାରୀ ମାସ ମଧ୍ୟରେ ୧୦୦୦ ଜଣ ଭିନ୍ନକ୍ଷମଙ୍କୁ କମ୍ ସୁଧହାରରେ ଋଣ ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ରାଶିର ମିଳିତ ଉଦ୍ୟମରେ ଥଇଥାନ କରିବାର ପ୍ରମୁଖ ଲକ୍ଷ୍ୟ ରଖାଯାଇଛି ।



## KENDRAPARA ADMIN OFFERS 'MO PANCHAYAT'

### INITIATIVE FOR OVERALL TRANSFORMATION

In a bid to accelerate proper implementation of the Chief Minister Naveen Patnaik's 5T mantra at the grassroots level, the Kendrapara district administration launched the 'Mo Panchayat' initiative to bring about a radical change at the local governance system by making officials more accountable to people.

The bi-monthly programme will play a key role in transformation of panchayats through participatory approaches to development bridging the gap between the officials and common man.

'Mo Panchayat', which means My Panchayat, sets a perfect forum for the people to share their views on a range of issues pertaining to their collective development. Speaking about the initiative, Kendrapara Collector Samarth Verma said that the district administration is committed for implementation of Chief Minister's 5Ts - Technology, Transparency, Teamwork, Time and Transformation- for the overall development of the Panchayats through participation of people.

As part of the initiative, the administration will hold meetings in every Panchayat twice a month - 7th and 22nd of every month at the GP office inviting people and their representatives, Panchayat level officers of all government departments and organizations to discuss and review various welfare schemes and programmes of the government and develop an effective GPDP (Gram Panchayat Development Plan) for development schemes in 249 GPs.

## କେନ୍ଦ୍ରାପଡ଼ାକୁ ସର୍ବଶ୍ରେଷ୍ଠ ଜିଲ୍ଲାରେ ପରିଣତ କରିବାକୁ ଆହ୍ୱାନ

### [ ୭୩ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ]

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସଂକୀର୍ଣ୍ଣତା ଭେଦଭାବ ଭୁଲି ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖି ସାମ୍ବିଧାନିକ ସମ୍ମାନ ସହ କେନ୍ଦ୍ରାପଡ଼ା ଜିଲ୍ଲାକୁ ସାରା ବିଶ୍ୱରେ ଶ୍ରେଷ୍ଠ ସ୍ଥାନରେ ପହଞ୍ଚାଇବାକୁ ରାଜ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆହ୍ୱାନ ଦେଇଛନ୍ତି । କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ୭୩ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସର ମିଳିତ ପରେଡ଼ରେ ଅଭିବାଦନ ଜଣାଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉପରୋକ୍ତ ମର୍ମରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ତ୍ୟାଗ ଓ ଆଦର୍ଶ ବିଷୟରେ ସ୍ମରଣ କରାଇଥିଲେ । ଏହି ଅବସରରେ ମନ୍ତ୍ରୀ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିବା ମହାମନିଷୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରକାଶିତ ପାକ୍ଷିକ ନ୍ୟୁଜ ଲେଟର 'କେନ୍ଦ୍ରାପଡ଼ା କଥା'କୁ ଉନ୍ମୋଚିତ କରି ଜିଲ୍ଲାର ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ସେବା ତଥା ୧୪୪ଥର ରକ୍ତଦାନ କରିଥିବା ବ୍ୟକ୍ତିତ୍ୱ ଏ.ଅନ୍ନଦା ପ୍ରସାଦ, ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଜିଲ୍ଲା ଟପ୍ପର ସମୀକ୍ଷା ଶର୍ମା, ଆଇସିଏସଇ ଟପର ଅମୃତ ମୋହନ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିପରି ୩ ଜଣ ଦମ୍ପତିଙ୍କୁ ଭିନ୍ନକ୍ଷମ ଓ ସାଧାରଣ ବ୍ୟକ୍ତି ବିବାହ ପ୍ରୋତ୍ସାହନ ରାଶି ବାବଦରେ ୫୦ହଜାର ଟଙ୍କା ଲେଖାଁଏ ଚେକ ପ୍ରଦାନ କରିବା ସହ ବାଳିକା ଆତ୍ମରକ୍ଷା କୌଶଳ ପୋଷାକ ବିତରଣ କରିଥିଲେ । ସେହିପରି ଭିନ୍ନକ୍ଷମ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଂଟନ କରିଥିଲେ । ପରେଡ଼ ପ୍ରତିଯୋଗିତାରେ ସିନିଅର ଡିଭିଜନ ଏନସିସିରେ କେନ୍ଦ୍ରାପଡ଼ା ହାଇସ୍କୁଲ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ (ବାଳକ), ତୁଳସୀ ମହିଳା ମହାବିଦ୍ୟାଳୟ



ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ, ସିନିଅର ଡିଭିଜନ ସିଭିଲିଆନରେ ସେଂଟ ଜାଭିଅର ହାଇସ୍କୁଲ, କେନ୍ଦ୍ରାପଡ଼ା ପବ୍ଲିକ୍ ସ୍କୁଲ ଓ ଅଙ୍କୁର ଶିକ୍ଷା ନିକେତନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏବଂ ଜୁନିଅର ଡିଭିଜନ ସିଭିଲିଆନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ତୁଳସୀ ବିଦ୍ୟା ମନ୍ଦିର ଓ ସତ୍ୟସାଇ ବିଦ୍ୟା ମନ୍ଦିର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପାଇ ସିଲଡ଼ ହାସଲ କରିଥିଲେ । ମୁଖ୍ୟ ଅତିଥି ଏହି ଦିବସ ଅବସରରେ ଜଳଶକ୍ତି ଅଭିଯାନରେ ସାମିଲ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଚାରା ବଂଟନ କରିଥିଲେ । ସହରର କାକଟ ଲକ୍ ଠାରୁ ସାନ୍ତସାହି ପର୍ଯ୍ୟନ୍ତ 'ସମ୍ବାଦ-ସାହିତ୍ୟ ଘର' ଓ ପୌରପାଳିକା ସହଯୋଗରେ କେନାଲ ବନ୍ଧରେ ବୃକ୍ଷରୋପଣ କରିଥିଲେ । ଏହା ପୂର୍ବରୁ ମନ୍ତ୍ରୀ ଜେଲଖାନାରେ ୨୮୨ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଂଟନ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ତେବାସୀ ରୋଗୀମାନଙ୍କୁ ଫଳ ବଂଟନ କରିଥିଲେ । ପରେଡ଼ ପଡ଼ିଆରେ ସେଂଟ ଯୋସେଫ ହାଇସ୍କୁଲ, ଭାରତୀ ବିଦ୍ୟା ମନ୍ଦିର, ସଂଜୀବନୀ ବିଦ୍ୟା ମନ୍ଦିର ଏବଂ ଟାଇକୋଣ୍ଡ ଆସୋସିଏସନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ପ୍ରତ୍ୟୁଷରୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ ପ୍ରଚାର କରାଯାଇଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବସ୍ତିବାସିନ୍ଦା ପିଲାମାନଙ୍କୁ ମିଷ୍ଟାନ୍ନ ବଂଟନ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ଜିଲ୍ଲାପାଳ ସମର୍ଥ ବର୍ମା, ଆରକ୍ଷୀ ଅଧୀକ୍ଷକ ନୀତି ଶେଖର, ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସ, କେନ୍ଦ୍ରାପଡ଼ା ଏସଡିପିଓ ରାଜୀବଲୋଚନ ପଣ୍ଡାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।



# ଫ୍ଲିପକାର୍ଡ ଓ ଆମାଜନ୍ ରେ କେନ୍ଦ୍ରାପଡ଼ାର ସୁନାଘାସ କାଇଁଚ

## ଫ୍ଲିପକାର୍ଡ ଓ ଆମାଜନ୍ ରେ କେନ୍ଦ୍ରାପଡ଼ାର ସୁନାଘାସ କାଇଁଚ

ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସମୃଦ୍ଧ କେନ୍ଦ୍ରାପଡ଼ା ଜିଲ୍ଲା ନିଜର ସୂକ୍ଷ୍ମ ହସ୍ତଶିଳ୍ପ କାରିଗରୀ ପାଇଁ ଏବେ ସାରା ବିଶ୍ୱରେ ପରିଚୟ ଲାଭ କରିଛି। ତେବେ ଏଇ ପବିତ୍ରମାଟିରେ ଜନ୍ମଲାଭ କରି ଆଧୁନିକ ବଜାରରେ ନିଜକୁ ସଫଳତାର ସହିତ ପ୍ରମାଣ କରିସାରିଥିବା ହସ୍ତଶିଳ୍ପଟି ହେଉଛି କାଇଁଚ କାରିଗରୀ। କାଇଁଚକୁ ଇଂରାଜୀରେ କହନ୍ତି Golden Grass। ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ଧାନ ବିଲ, ପାଟ, ପୋଖରୀ, ନଦୀ ନାଳ କୂଳରେ ଦେଖିବା ପାଇଁ ମିଳେ କାଇଁଚ। ଏହା ଏକ ତୃଣ ବା ଘାସ ଜାତୀୟ ବୃକ୍ଷ। ବିଶେଷ କରି ଗ୍ରାମାଚଂଳର ଚାଷୀ ପରିବାର ଓ ମହିଳାମାନେ ଶହଶହ ବର୍ଷ ଧରି ପାରମ୍ପରିକ ଭାବେ କାଇଁଚ ସଂଗ୍ରହ କରି ଆସୁଛନ୍ତି। ସେଥିରେ ବିଭିନ୍ନ ଘରକଣା ସାମଗ୍ରୀ ଯେମିତିକି ପାଚିଆ, ଡ଼ାଲା, ପ୍ରଭୃତି ତିଆରି କରି ଏହି ସବୁକୁ ଅତି ସ୍ୱଳ୍ପ ମୂଲ୍ୟରେ ସ୍ଥାନୀୟ ହାଟ ବଜାରରେ ବିକ୍ରି କରିଥାଆନ୍ତି। କିନ୍ତୁ ଏବେ ଏହି ପରମ୍ପରା ବିଶ୍ୱବଜାରରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସଫଳ



ହୋଇଛି। ଏଣକି କେନ୍ଦ୍ରାପଡ଼ା ଗ୍ରାମାଚଂଳର ମହିଳାମାନେ ପାରମ୍ପରିକ ଭାବେ ନୁହେଁ ପେଶାଦାର ମନୋବୃତ୍ତି ନେଇ କାଇଁଚ କାରିଗରୀରେ ମନୋନିବେଶ କରିବା ସହିତ ଏହାକୁ ଏକ ଶିଳ୍ପର ମାନ୍ୟତା ଦେବାରେ ସଫଳ ହୋଇଛନ୍ତି। ଜିଲ୍ଲାର କିଛି ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବେ କାଇଁଚରେ ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରସ୍ତୁତ କରିବାରେ ବେଶ୍ ସୁନାମ ଅର୍ଜନ କରିଛନ୍ତି। ମହିଳାମାନେ ଚାଷଜମି ତଥା ନଦୀ ନାଳ ପାର୍ଶ୍ୱରୁ କାଇଁଚ ସଂଗ୍ରହ କରୁଛନ୍ତି। ପରେ ଏହାକୁ ପରିଷ୍କାର ପରିଚ୍ଛନ୍ନ କରି ଖରାରେ ଶୁଖାଯାଉଛି। କାଇଁଚ ପ୍ରସ୍ତୁତ ହୋଇଗଲା ପରେ ସେଗୁଡ଼ିକୁ ଆବଶ୍ୟକ ଅନୁଯାୟୀ ସରୁ ସରୁ ପାତରେ ପରିଣତ କରାଯାଉଛି। କାଇଁଚ ପାତକୁ ବିଭିନ୍ନ ରଂଗରେ ରଙ୍ଗେଇ ପୁର୍ନବାର ଶୁଖେଇ ଦିଆଯାଉଛି। ଶେଷରେ ଅଠା ସାହାଯ୍ୟରେ କାଇଁଚ ପାତକୁ ପରସ୍ପର ସହିତ ଯୋଡ଼ି ତିଆରି ହେଉଛି ଭଳିକି ଭଳି ସାମଗ୍ରୀ। ତେବେ ପାରମ୍ପରିକ ଭାବେ କେବଳ ଡାଲା ଓ ପାଚିଆ ପ୍ରସ୍ତୁତ କରିବାରେ ଆଉ ସୀମିତ ନାହାନ୍ତି ଗ୍ରାମାଚଂଳର ମହିଳାମାନେ। ବରଂ କାଇଁଚରେ ମନିପର୍ସ, ଭ୍ୟାନିଟି ବ୍ୟାଗ୍, ବେଡ଼ଲ୍ୟାମ୍ପ, ମ୍ୟାଟ୍, ଫଟୋ ଫ୍ରେମ୍, ଫୁଲଦାନି, ରାକ୍ଷୀ, ଗ୍ରିଟିଙ୍ଗ୍ କାର୍ଡ଼, ବିଭିନ୍ନ ପ୍ରକାର ପଶୁ-ପକ୍ଷୀ, ଫଳ, ଫୁଲର ଚିତ୍ର ଏମିତି କେତେକଣ ତିଆରି କରାଯାଉଛି। କେବଳ ସେତିକି ନୁହେଁ କାଇଁଚକୁ କପଡ଼ା ଉପରେ ବ୍ୟବହାର କରି ତିଆରି ହେଉଛି ବିଭିନ୍ନ ପୌରାଣିକ କଥାବସ୍ତୁ ଆଧାରିତ କାହାଣୀ ଓ ଚରିତ୍ର। ଅନ୍ୟ ପକ୍ଷ ମଧ୍ୟରେ ଓଡ଼ିଶାର ସଂସ୍କୃତି ସାହିତ୍ୟ ଓ ଜନଜାତି ପରମ୍ପରା ମଧ୍ୟ କାଇଁଚ ଶିଳ୍ପରେ ଝଲସି ଉଠୁଛି। ଏହି କାମରେ ସେମାନଙ୍କୁ ସହଯୋଗ କରିଛନ୍ତି ଜିଲ୍ଲା ଶିଳ୍ପ କେନ୍ଦ୍ର ବା ଡ଼ିଆଇସି। ଡ଼ିଆଇସି ପକ୍ଷରୁ ସ୍ୱଂୟ ସହାୟକ ଗୋଷ୍ଠୀମାନଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ କାଇଁଚ ସାମଗ୍ରୀ ତିଆରିର ବିଭିନ୍ନ କଳା କୌଶଳ ଶିକ୍ଷା ଦିଆଯାଉଛି। କେବଳ ସେତିକି ନୁହେଁ ଏହି କାଇଁଚ ପ୍ରସ୍ତୁତ ସାମଗ୍ରୀ ପାଇଁ ପ୍ରଶାସନ ପକ୍ଷରୁ ବଜାର ମଧ୍ୟ ସୃଷ୍ଟି କରାଯାଇଛି। ଗାଁ ହାଟ ଓ ଘର ପାଖ ବଜାରର ସୀମା ସରହଦ



ଅତିକ୍ରମ କରି ଏବେ କେନ୍ଦ୍ରାପଡ଼ାର କାଇଁଚ ବିଶ୍ୱବଜାରରେ ପହଁଚି ପାରିଛି। ରାଜ୍ୟର ବିଭିନ୍ନ ପ୍ରଦର୍ଶନୀ ଓ ବଜାରରେ କେନ୍ଦ୍ରାପଡ଼ା କାଇଁଚ ଗ୍ରାହକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇ ପାରିଛି। ତେବେ କେନ୍ଦ୍ରାପଡ଼ାର ଏହି ସମୃଦ୍ଧ ହସ୍ତଶିଳ୍ପ ଆମାଜନ୍ ଓ ଫ୍ଲିପ୍ କାର୍ଡ ପରି ସିପିଙ୍ଗ୍ ସାଇଟ୍‌ରେ ଉପଲବ୍ଧ ହେବା ଆମମାନଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଏଣିକି ଅନ୍‌ଲାଇନ୍ ସପିଙ୍ଗ ଜରିଆରେ ପୃଥିବୀର କୌଣସି କୋଣରେ ବସିଥିବା ବ୍ୟକ୍ତି ଜଣକ କେନ୍ଦ୍ରାପଡ଼ାର ଏହି ସୁନାଘାସରେ ପ୍ରସ୍ତୁତ ସାମଗ୍ରୀ କ୍ଷଣଟିଏ ମଧ୍ୟରେ କିଣି ପାରିବାର ବ୍ୟବସ୍ଥା ହୋଇପାରିଛି। ଏହାଦ୍ୱାରା ବିଶ୍ୱଦରବାରେ କେନ୍ଦ୍ରାପଡ଼ା ସାମଗ୍ରୀର ପରିଚୟ ସୃଷ୍ଟି ହେବା ସହ ଏହି ଶିଳ୍ପ ସହ ସମ୍ପୃକ୍ତ ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଗ୍ରାମାଚଂଳର ମହିଳାମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବାରେ କାଇଁଚ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। କାଇଁଚ ଶିଳ୍ପକୁ ଲୋକପ୍ରିୟ କରିବାରେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ଉଦ୍ୟମ ପ୍ରଶଂସନୀୟ।

– ମାତୃଦତ୍ତ ମହାନ୍ତି

# ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ୨୩ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାକ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଶିକ୍ଷକଙ୍କର ଅବଦାନ ପାଇଁ ଏହା ସମ୍ଭବ ହୋଇପାରିଛି। ଶିକ୍ଷକମାନେ ସମୟାନୁବର୍ତ୍ତିତା ହେଲେ ଶିକ୍ଷାର ସ୍ତର ସଫଳତାର ଶିର୍ଷରେ ପହଁଚି ପାରିବ ବୋଲି କେନ୍ଦ୍ରାପଡ଼ା ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘର ୨୩ତମ ବାର୍ଷିକୀ ଉତ୍ସବକୁ ଉଦ୍‌ଘାଟନ କରି ଜିଲ୍ଲାପାଳ ସମର୍ଥ ବର୍ମା ତାଙ୍କ ବକ୍ତବ୍ୟରେ କହିଛନ୍ତି।

ଜିଲ୍ଲା ସଂଘ ସଭାପତି କଣ୍ଣୁରୀ ଚରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସାନ୍ଧ୍ୟ ମହାବିଦ୍ୟାଳୟ କକ୍ଷରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଶ୍ରୀ ବର୍ମା ଆହୁରି ମଧ୍ୟ କହିଥିଲେ ଯେ ଗୁଣାତ୍ମକ ଶିକ୍ଷାର ବିକାଶ କ୍ଷେତ୍ରରେ ଶିକ୍ଷକମାନଙ୍କ ଉତ୍ସର୍ଗୀକୃତ ଓ ନିଷ୍ଠା ସଂପର୍ଣ୍ଣ ଭାବେ କାର୍ଯ୍ୟ କରିବା ଉଚିତ୍।

**ଶିକ୍ଷକଙ୍କ ସମୟାନୁବର୍ତ୍ତିତା ଶିକ୍ଷାକୁ ଶୀର୍ଷରେ ପହଞ୍ଚାଇ ପାରିବ- ଜିଲ୍ଲାପାଳ**

ଏହି ଉତ୍ସବରେ ଅନ୍ୟତମ ସମ୍ମାନୀତ ଅତିଥିଭାବେ ୟୁଟିଆ ରାଜ୍ୟ ସଭାପତି ବିକ୍ରମ କେଶରୀ ବର୍ମା, ଜିଲ୍ଲା ଶିକ୍ଷା ଅଧିକାରୀ କଳ୍ପନା ବେହେରା ମୁଖ୍ୟବକ୍ତା, ଅଧାପକ ଡକ୍ଟର ଯୁଧିଷ୍ଠିର ଖଟୁଆ, ସମ୍ମାନୀତ ଅତିଥି ଶିକ୍ଷକ ନେତା ଉପେନ୍ଦ୍ରନାଥ ସ୍ୱାଇଁ, ପ୍ରାବନ୍ଧିକ ବିଧାନ ସାମଲ ପ୍ରମୁଖ ଶିକ୍ଷକମାନେ ସେମାନଙ୍କ ଭୂମିକା ଓ ଉତ୍ତରଦାୟିତ୍ୱ ସୁଚାରୁରୂପେ ନିର୍ବାହ କଲେ ସମାଜରେ ଯଶସ୍ୱୀ ହୋଇପାରିବେ ବୋଲି କହିଥିଲେ। ଏ ଅବସରରେ ମୁଖ୍ୟ ଅତିଥି ଶ୍ରୀ ବର୍ମା ସେବାନିବୃତ ଶିକ୍ଷକ ଓ କର୍ମଚାରୀ ସୁରେଶ ଚନ୍ଦ୍ର ଜେନା, ଉତ୍ତମ କୁମାର ପ୍ରଧାନ, ପ୍ରତାପ କୁମାର ନାୟକ, ଚିତ୍ତରଂଜନ ରାଉତ, ପଦ୍ମଲୋଚନ ପୃଷ୍ଟି, ଅକ୍ଷୟ ନାୟକ, ବଳରାମ ଦାସ, ରମେଶ ଚନ୍ଦ୍ର ସାହୁ, ଦିଲ୍ଲୀପ ଖଣ୍ଡେଇ, ନାରାୟଣ ଦାସ, ସୁବୁଦ୍ଧି ଚରଣ ସାହୁ, ନାରାୟଣ ଚନ୍ଦ୍ର ମିଶ୍ର, ବସନ୍ତ କୁମାର ମଲ୍ଲିକ, ନରହରି ସାମଲ, ଧରଣୀଧର ନାୟକ, ଅନନ୍ତ ଓଝା, ରଘୁନାଥ ସ୍ୱାଇଁ, ପ୍ରଫୁଲ୍ଲ ରଣା, ରାମଚନ୍ଦ୍ର ସାହୁ, ସନ୍ତୋଷ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଉତ୍ସବର ପ୍ରାରମ୍ଭରେ ଜିଲ୍ଲା ସଂଘ ସଂପାଦକ ହେମନ୍ତ କୁମାର ଜେନା ଅତିଥି ପରିଚୟ ସହିତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ଭାବଗ୍ରାହୀ କଳାନିକେତନର କଳାକାରମାନେ ବିମଳ ପ୍ରସାଦ ପରିଡାଙ୍କ ନେତୃତ୍ୱରେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଘର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ସାମଲ ବିବରଣୀ ପାଠ କରିଥିଲେ। ଜୟଶ୍ରୀ ପତି, ସ୍ୱାଗତିକା ଗାନ, ବଙ୍କିମ୍ ମହାନ୍ତି ଓ ସୁରେନ୍ଦ୍ର ମଲ୍ଲିକ ମାନପତ୍ର ପାଠ କରିଥିବାବେଳେ ରଂଜନ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଉତ୍ସବରେ କମ୍ପ୍ୟୁଟର ଶିକ୍ଷକମାନେ ସେମାନଙ୍କ ପୁନଃନିଯୁକ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରବୀର କୁମାର ପତି, ଗୋପାଳ ପୃଷ୍ଟି, ପ୍ରାର୍ଥସାରଥୀ ବେହେରା, ମଂଜୁଶ୍ରୀ ରାଉତ, ଲେନିନ୍, ରମେଶ ରାଉତ, ଚିନ୍ମୟ ଚିରସନ୍ଦୁର, ଜୟନ୍ତ କୁମାର ପ୍ରଧାନ, ଗିରିଶ ଦାସ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



# କେନ୍ଦ୍ରାପଡ଼ା ଜିଲ୍ଲାରେ ସବର୍ଣ୍ଣ ଅସବର୍ଣ୍ଣ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ

| Sl. No | Name of the Beneficiary | Natue of Amount | Amount |
|---|---|---|---|
| 1. | Jhumuri Sethi, W/o : Lt Kishore Sethi, Vill : Kandira, Ps : Rajnagar | Atrocity | 8,25,000 |
| 2. | Madhusmita Sahoo, W/0 : Pritiranjan Mallik Vill : Mangalpur, | Inter Caste Marriage | 2,50,000 |
| 3. | Diptimayee Parija, W/o : Kanhu charan Sethi, Vill : Talakusuma | Inter Caste Marriage | 2,50,000 |
| 4. | Sonali Prusty, W/o : Achhutananda Das Vill : Chatarapatna | Inter Caste Marriage | 2,50,000 |
| 5. | Mamali Bhuyan, W/o : Lalit Mohan Behera, Vill: Behula | Inter Caste Marriage | 2,50,000 |

# କେନ୍ଦ୍ରାପଡ଼ାରେ 'ସଂଯୋଗ' ଆନୁକୂଲ୍ୟରେ ପୋକ୍ସୋ ଆଇନ୍ ୨୦୧୨ ଓ ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ୨୦୧୫ ସଂପର୍କରେ କର୍ମଶାଳା

କେନ୍ଦ୍ରାପଡ଼ା ଉର୍ଦ୍ଧ୍ୱ ଲାଇବ୍ରେରୀ ସମ୍ମିଳନୀ କକ୍ଷଠାରେ "ସଂଯୋଗ" ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୂଲ୍ୟରେ ଏକ-ଦିବସୀୟ ଜିଲ୍ଲାସ୍ତରୀୟ ଜୁଭେନାଇଲ ଜଷ୍ଟିସ୍ ଆକ୍ଟ ୨୦୧୫, ଓ ଶିଶୁ ମାନଙ୍କୁ ଯୌନ ଅପରାଧର ସୁରକ୍ଷା ଅଧିନିୟମ - ୨୦୧୨ ସଂପର୍କରେ ସଚେତନ କର୍ମଶାଳା ଶିଶୁ ସୁରକ୍ଷା କମିଟିର ଭାରପ୍ରାପ୍ତ ଅଧକ୍ଷା ସ୍ମିତାଞ୍ଜଳି ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ ରାଉତ, ସମ୍ମାନିତ ଅତିଥି ଭାବରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ, ଅତିରିକ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଉଦୟନାଥ ଜେନା, ପୂର୍ବତନ ଶିଶୁ ସୁରକ୍ଷା କମିଟିର ଅଧକ୍ଷ ଶିଶିର କୁମାର ରାଉତରାୟ, ସଂଯୋଗର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟାସିଂ, ଶିଶୁ ଅଧିକାର ସୁରକ୍ଷା କର୍ମୀ ଡଃ




ବେଣୁଧର ସେନାପତି ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ମୁଖ୍ୟ ଅତିଥି 'ଅତିରିକ୍ତ' ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଉତ ଉଦ୍‌ବୋଧନରେ ୧୮ ବର୍ଷ ବୟସରୁ କମ୍ ବାଳିକାମାନଙ୍କ ଯୌନ ଶୋଷଣରୁ ଓ ଅପରାଧରୁ ସୁରକ୍ଷା ଦେବା, ଶିଶୁ ସୁରକ୍ଷା ଆଇନ




ଓ ବାଳ ଅପରାଧ ସଂପର୍କରେ ସଚେତନତା କରିବା ଓ ସେମାନଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ସଂପର୍କରେ ବର୍ଣ୍ଣନା କରିଥିଲେ। ବାପା ଓ ମା ଯଦି ସଚେତନ ହେବେ ତେବେ କୋମଳମତି ଶିଶୁଙ୍କୁ ସେମାନେ ସଚେତନ କରିପାରିବେ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଶ୍ରୀ ନାୟକ ଉଦ୍‌ବୋଧନରେ ପରିବାରରେ ଘଟୁଥିବା ପାରିବାରିକ ହିଂସା ଓ ଯୌନ ଉତ୍ପୀଡ଼ନ ସମାଜର ଦୃଷ୍ଟିକୁ ଆସିନଥାଏ। ତେଣୁ ସମାଜର ପ୍ରତେକ ନାଗରିକ ଆଇନ୍ ସଂପର୍କରେ ସଚେତନ ହେବା ଆବଶ୍ୟକ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଥିଲେ। ଜିଲ୍ଲାରେ ନିକଟରେ କାର୍ଯ୍ୟକାରୀ ହୋଇଥିବା ସଖୀ (ୱାନ ଷ୍ଟପ୍ ସେଣ୍ଟର) ଦ୍ୱାରା ସମାଜରେ ପତିତ ପାରିବାରିକ ହିଂସା, ଯୌନ ଉତ୍ପୀଡ଼ନ, ମହିଳା ହରଣଚାଲ, ନିଆନ, ଯୌତୁକ ନିର୍ଯ୍ୟାତନା ପୀଡ଼ିତା ୧୮ ରୁ କମ୍ ବର୍ଷର ମହିଳା ବା ବାଳିକାଙ୍କୁ ଗୋଟିଏ ଛାତତଳେ ନ୍ୟାୟ ପ୍ରଦାନ କରାଯିବ। ଗୋଟିଏ ସ୍ଥାନକୁ ପୋଲିସ, ଡ଼ାକ୍ତର, ଆଇନଗତ ସହାୟତା ଯୋଗାଇ ଦିଆଯିବ, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଓ ଆଶ୍ରୟ ଯୋଗାଇ ଦିଆଯିବ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଗଣ ବାଳ ଅପରାଧ, ଶିଶୁ ମାନଙ୍କୁ ଯୌନ ଉତ୍ପୀଡ଼ନ ଓ ସୁରକ୍ଷା ସଂପର୍କରେ ଉଦ୍‌ବୋଧନ ରଖିଥିଲେ।

# ସଫଳ ମତ୍ସ୍ୟଚାଷର କାହାଣୀ

ବୈଷ୍ଣବ ଗୋସ୍ୱାମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମଦନପୁର, ସଂସାରଫଳ ଗ୍ରାମ ପଞ୍ଚାୟତ, ପଟ୍ଟାମୁଣ୍ଡାଇ। ମଦନପୁର ଗ୍ରାମ ପଞ୍ଚାୟତ ପୋଖରୀକୁ ଦୀର୍ଘମିଆଦୀ ଲିଜ ସୂତ୍ରରେ ୨୦୧୮-୧୯ ଠାରୁ ୨୦୨୦-୨୧ ପର୍ଯ୍ୟନ୍ତ ନେଇ ୨୦୧୮-୨୦୧୯ ଆର୍ଥିକ ବର୍ଷରେ ମତ୍ସ୍ୟ ବିଭାଗ ଓ ମିଶନ ଶକ୍ତିର ମିଳିତ ସହାୟତାରେ ମିଶ୍ରିତ ମାଛ ଚାଷ କରିଥିଲେ। ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀଟି ରେ ୧୦୦୫୦୦ ଟଙ୍କା ମୂଲ୍ୟରେ ଲିଜ୍ ସୂତ୍ରରେ ନେଇ ସେଥିରେ ୧୦୮୦ ମୁଣ୍ଡା ଯାଆଁଳ ଛାଡ଼ି ଆବଶ୍ୟକ ମାଛଖାଦ୍ୟ, ସାର ଆସି ମତ୍ସ୍ୟ ବିଭାଗ ଓ ଓ୍ୱାଲର୍ଡ଼ଫିସ୍ ସଂସ୍ଥାର କର୍ମଚାରୀଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରୟୋଗ କରିଥିଲେ। ଏତଦବ୍ୟତୀତ ୧୦ କେଜି ମହୁରାଳି ଯାଆଁଳ ଓ୍ୱାଲର୍ଡ଼ଫିସ ଅଫିସରଙ୍କ ତତ୍ତ୍ୱାବଧାନରେ ଗଚ୍ଛିତ କରାଯାଇଥିଲା। ଏହି ମାଛ ପୋଷାକତତ୍ତ୍ୱରେ ପରିପୂର୍ଣ୍ଣ ଥିବାରୁ ଏହା



ଗ୍ରାମାଞ୍ଚଳରେ କୁପୋଷଣ ଓ ଅପପୃଷ୍ଟିକୁ ମଧ୍ୟ ଦୂର କରିବାରେ ଆଗାମୀ ଦିନରେ ଅନେକ ସହାୟକ ହେବ ବୋଲି ସରକାରଙ୍କର ଦୃଢ଼ ବିଶ୍ୱାସ ରହିଅଛି। ଯଦିଓ ଏହା ଆର୍ଥିକ ଲାଭ ଦେଇ ନଥାଏ କିନ୍ତୁ ଏହାର ଅନେକ ଉପଦେୟତା ରହିଅଛି ଓ ଏହାହି ଏହି ଯୋଜନାର ମୂଳ ଲକ୍ଷ୍ୟ। ୧୨ ମାର୍ଚ୍ଚ, ୫ ଏପ୍ରିଲ ଓ ୨୦ ଏପ୍ରିଲ ୨୦୧୯ରେ ଆଂଶିକ ମାଛ ଧରାଯାଇ ମୋଟ ୬୯୫ କେଜି ବିକ୍ରି କରାଯାଇଅଛି। ତହିଁରୁ ମୋଟ ୯୦୩୫୦ ଟଙ୍କା ତାଙ୍କର ଆୟ ହୋଇପାରିଛି। ଏହି ମିଶ୍ରିତ ଋଷଦ୍ୱାରା ୬୦୦୦୦ ଟଙ୍କା ବ୍ୟୟ ବାଦ ୩୦୩୫୦ ଟଙ୍କା ତାଙ୍କର ଲାଭ ହୋଇପାରିଛି। ଏହି ବର୍ଷ ଏହି ଯୋଜନା ଅନୁଯାଇ ଉକ୍ତ ଗୋଷ୍ଠୀ ହେକ୍ଟର ପ୍ରତି ୧୫୦୦୦୦ ଟଙ୍କା ବ୍ୟୟବାଦରେ ୬୦% ହାରରେ ୯୦୦୦୦ ଟଙ୍କା ହିସାବରେ ୩୨୦୦୦ ଟଙ୍କା ରିହାତି ବାବଦରେ ଓ ୫୦୦୦ ଟଙ୍କା ରିଭଲଭିଂ ଫଣ୍ଡ ସରକାରୀ ସହାୟତା ପାଇବା ସହିତ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଅଞ୍ଚଳରୁ ୪୦୦ ରୁ ୫୦୦ କେଜି ମାଛ ପାଇବାର ଆଶା ରଖିଛନ୍ତି। ସମୁଦାୟ ବାର୍ଷିକ ୧୧୦୦ ରୁ ୧୨୦୦ କେଜି ମାଛ ଉତ୍ପାଦନ କରି ପ୍ରାୟ ୫୫୦୦୦ ରୁ ୬୦୦୦୦ ଟଙ୍କା ଲାଭର ଆଶା ରଖିଛନ୍ତି। ଏହାଦ୍ୱାରା ଉକ୍ତ ଗୋଷ୍ଠୀର ପ୍ରତି ସଭ୍ୟା ୬୦୦୦ ଟଙ୍କା ପାଇଛନ୍ତି ଓ ସରକାରଙ୍କ ଠାରୁ ଉନ୍ନତ ଜ୍ଞାନ କୌଶଳ ତାଲିମ ପାଇବା ଦ୍ୱାରା ଆଗାମୀ ଦିନରେ ଅନେକ ଲାଭର ଆଶା କରିଛନ୍ତି। ଏହି ବର୍ଷରେ ସେଥିରୁ ୭୦ କେଜି ମହୁରାଳି ମାଛ ଅମଳ ହୋଇଥିଲା ଓ ଗୋଷ୍ଠୀର ସମସ୍ତ ସଭ୍ୟାମାନେ ବାଣ୍ଟି ନେଇ ନିଜ ପରିବାର ପାଇଁ ବ୍ୟବହାର କରିଥିଲେ।

# ଜିଲ୍ଲାରେ କ୍ଷମତା ଏକ୍ସପ୍ରେସର ପରିକ୍ରମା

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ବିଶେଷଜ୍ଞ ଡ଼ାକ୍ତରଙ୍କ ଅଭାବ ହେତୁ ଠିକ ଭାବେ କାର୍ଯ୍ୟକାରୀ କରାଯାଇ ପାରୁନାହି। ପରନ୍ତୁ ତୃଣମୂଳ ସ୍ତରକୁ ଯାଇ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଚିହ୍ନଟ ସହାୟତା ଆଦି ଯୋଗାଇ ଦେବାପାଇଁ ରାଜ୍ୟ ସରକାର ଏ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ଯାହା "କ୍ଷମତା ଏକ୍ସପ୍ରେସ" ନାମରେ ଚାଲୁଅଛି। ଏହା ରାଜ୍ୟ ସରକାରଙ୍କର ସମାଜିକ ସୁରକ୍ଷା କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ସ୍ତରରେ ପହଞ୍ଚାଇବାର ଏକ ଅଭିନବ ପ୍ରୟାସ। ରାଜ୍ୟ ସରକାରଙ୍କ ଦ୍ୱାରା ଚୟନ ହୋଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକ ଚିହ୍ନଟ ଉପକରଣ ଆଦି ଦ୍ୱାରା ସଜ୍ଜିତ ଗାଡ଼ିରେ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ସହ ଜିଲ୍ଲାର ୯ଟି ବ୍ଲକର ୧୦ଟି ସ୍ଥାନରେ ୧୦ ଦିନ କ୍ୟାମ୍ପ କରିବାର ଯୋଜନା ହୋଇଅଛି। ଏହାଦ୍ୱାରା ଭିନ୍ନକ୍ଷମଙ୍କୁ ଟଉଓଜ ସାର୍ଟିଫିକେଟ ପାଇଁ ସହାୟତା, ଉପକରଣ ପାଇଁ ଚିହ୍ନଟ ଓ ପରାମର୍ଶ ଯୋଗାଇ ଦେବା। ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇ ବାଣିଶ୍ରୀ, ବୈଷୟିକ ତାଲିମ ପାଇଁ





ପରାମର୍ଶ ଦେବା ଆଦି ଉକ୍ତ କ୍ଷମତା ଏକ୍ସପ୍ରେସର କାର୍ଯ୍ୟ ପରିସର ଭୁକ୍ତ ଅଟେ। ଗୋଟିଏ ବ୍ଲକର ଗୋଟିଏ ଗ୍ରାମ ପଞ୍ଚାୟତ ସହ ସଂଯୁକ୍ତ ଅନ୍ୟ ୧/୨ଟି ପଞ୍ଚାୟତକୁ ନେଇ ଉକ୍ତ ଏକ୍ସପ୍ରେସ ବୁଲିବା ଯୋଜନା ଜିଲ୍ଲା ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଅଛି। ଏହା ପ୍ରତି ଗ୍ରାମପଞ୍ଚାୟତରେ ସକାଳ ୧୦ ଘଟିକାରୁ ଲୋକ ଥିଲା ପର୍ଯ୍ୟନ୍ତ ରହି ସେବା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ତା ୧୯.୦୮.୨୦୧୯ ରିଖ ରୁ ତା ୨୩.୦୮.୨୦୧୯ରିଖ ଓ ତା ୨୬.୦୮. ୨୦୧୯ ରିଖ ରୁ ତା ୩୦.୦୮.୨୦୧୯ରିଖ ସବୁ ବ୍ଲକ ବୁଲି ସେବା ଯୋଗାଇ ଦେବାକୁ ଜିଲ୍ଲାପାଳ ସ୍ଥିର କରିଛନ୍ତି। ଯାହା ତା ୧୯.୦୮.୨୦୧୯ ରିଖ ଠାରୁ କେନ୍ଦ୍ରାପଡ଼ା ଜିଲ୍ଲା, ବଗଡ଼ା ଗ୍ରାମପଞ୍ଚାୟତରେ ପହଞ୍ଚି ଲୋକଙ୍କୁ ସେବା ଯୋଗାଇ ଦେବାରେ ଏକ ସଠିକ ପ୍ରୟାସ ଆରମ୍ଭ କରିଛି।

# ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସାଧାରଣ ବ୍ୟକ୍ତି ବିବାହ କରିବା ପ୍ରୋତ୍ସାହନ ରାଶି ପ୍ରଦାନ

ରାଜ୍ୟ ସରକାର ଭିନ୍ନକ୍ଷମଙ୍କ କଲ୍ୟାଣ ନିମେନ୍ତ ବିଭିନ୍ନ ଯୋଜନା ଭିନ୍ନ ଭିନ୍ନ ସମୟରେ ପ୍ରଣୟନ କରୁଛନ୍ତି ଓ ତାକୁ କାର୍ଯ୍ୟକାରୀ କରୁଛନ୍ତି। ତା ୦୧.୧୦.୨୦୧୩ ମସିହାରୁ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସାଧାରଣ ବ୍ୟକ୍ତି ବିବାହ କଲେ ଟ. ୫୦.୦୦୦.୦୦ଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାକୁ ଆଇନ ପ୍ରଣୟନ ହୋଇଛି। ଉକ୍ତ ଆଇନ ହେତୁ ବହୁ ସାଧାରଣ ବ୍ୟକ୍ତି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ବିବାହ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ଓ ଏ ପ୍ରକ୍ରିୟା ଆସ୍ତେ ଆସ୍ତେ ଲୋକାଦୃତ ହେଉଅଛି। ଯାହାର ଉଦାହରଣ ବିଗତ ଚାରିବର୍ଷରେ ଏ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଉପରୋକ୍ତ ଯୋଡ଼ି ସଂଖ୍ୟାରୁ ଜଣାପଡ଼େ। ଯଥା ୨୦୧୫ ରେ ୬ ଜଣ, ୨୦୧୬ରେ ୧୦ ଜଣ, ୨୦୧୭ରେ ୧୮ ଜଣ ଓ ୨୦୧୮ ରେ ୧୮ ଜଣ ଓ ଚଳିତ ବର୍ଷ ୨୦୧୯ର ଏଯାବତ୍ ୧୪ ଜଣଙ୍କୁ ଦିଆଯାଇଅଛି। ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ରାଜ୍ୟ ସରକାରଙ୍କର ସମବାୟ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଏହିଭଳି ସଫଳ ତିନିଯୋଡ଼ିଙ୍କୁ ଜଣ ପିଛା ଏକକାଳୀନ ଟ. ୫୦.୦୦୦ଙ୍କା ହାରରେ ଜମାରାଶିର ଚେକ୍ ପ୍ରଦାନ କରାଯାଇଥିଲା। ଯାହା ସେମାନଙ୍କୁ ଯେତିକି ଖୁସି ଦେଇଥିଲା ଉପସ୍ଥିତ ଜନସାଧାରଣ ସରକାରଙ୍କର ଏଭଳି ଲୋକାଭିମୁଖୀ ଯୋଜନା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନକୁ ଅଧିକ ସାଧୁବାଦ ଜଣାଇଥିଲେ। ସେଦିନ ଉପକୃତ ହୋଇଥିବା ଯୋଡ଼ିଗୁଡ଼ିକ ହେଲେ- ହିରଣ୍ୟମୟୀ ମହାନ୍ତି (ଦିବ୍ୟାଙ୍ଗ) ଓ ସନ୍ତୋଷ କୁମାର ଲେଙ୍କା (ସାଧାରଣ), ଧୀରେନ କୁମାର ମଲିକ(ଦିବ୍ୟାଙ୍ଗ) ଓ ଦେବକୀ ମଲିକ (ସାଧାରଣ) ଏବଂ ଅରୁଣ କୁମାର ପରିଡ଼ା(ଦିବ୍ୟାଙ୍ଗ) ଓ ରଶ୍ମିରେଖା ସାହୁ (ସାଧାରଣ)।



# ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମର ନବୀକରଣ ପାଇଁ ଜିଲ୍ଲାପାଳ ଚିଠି ଲେଖିଲେ

କେନ୍ଦ୍ରାପଡ଼ା ସହରର ଇଚ୍ଛାପୁର ନିକଟସ୍ଥ ସାରଙ୍ଗ ଠାରେ ଥିବା ବିଜୁ ପଟ୍ଟନାୟକ ଷ୍ଟାଡ଼ିୟମର ନବୀକରଣ ନିମନ୍ତେ ଜିଲ୍ଲାପାଳ ସମର୍ଥ ବର୍ମା ରାଜ୍ୟ କ୍ରୀଡ଼ା ବିଭାଗକୁ ଆବଶ୍ୟକ ସରକାରୀ ଅନୁଦାନ ତୁରନ୍ତ ମଞ୍ଜୁର ନିମନ୍ତେ ପତ୍ର ଲେଖିଥିବା ଜଣାପଡ଼ିଛି। ପୂର୍ତ୍ତ ଡ଼ିଭିଜନ ପକ୍ଷରୁ ଷ୍ଟାଡ଼ିୟମର ଭିତର ଓ ବାହାରର ବିଦ୍ୟୁତକରଣ ନିମନ୍ତେ ପ୍ରସ୍ତୁତ ୯ ଲକ୍ଷ ୬୧ ହଜାର ୧୧୩ ଟଙ୍କାର ଅଟକଳକୁ ଜିଲ୍ଲାପାଳ ଅନୁମୋଦନ କରି ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକଙ୍କୁ ପଠାଇଥିବା ବେଳେ ଷ୍ଟାଡ଼ିୟମକୁ ପାନୀୟଜଳ ଯୋଗାଣ ବ୍ୟବସ୍ଥା ନିମନ୍ତେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ୧୭ଲକ୍ଷ ୨୧ହଜାର ଟଙ୍କାର ଅନ୍ୟ ଏକ ଅଟକଳକୁ ମଧ୍ୟ ଅନୁମୋଦନ କରି ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକଙ୍କୁ ପଠାଇଥିବା ସୂଚନା ମିଳିଛି। ଏତଦଭିନ୍ନ ଷ୍ଟାଡ଼ିୟମ ଚତୁଃପାର୍ଶ୍ୱରେ ପାଚେରୀ ନିର୍ମାଣ ନିମନ୍ତେ ପୂର୍ତ୍ତ ଡ଼ିଭିଜନ ପକ୍ଷରୁ ଅନ୍ୟ ଏକ ୪ ଲକ୍ଷ ୯୯ହଜାର ଟଙ୍କାର ଅଟକଳ ଜିଲ୍ଲା କ୍ରୀଡ଼ା ବିଭାଗରେ ପହଁଞ୍ଚିଥିବା ବେଳେ ସେହି ଅଟକଳକୁ ଖୁବଶୀଘ୍ର ରାଜ୍ୟ କ୍ରୀଡ଼ା ବିଭାଗକୁ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ପଠାଇ ଦିଆଯିବ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଆଳି ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ

ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ବର୍ଗର ଭିନ୍ନକ୍ଷମଙ୍କୁ ବିଭିନ୍ନ ପ୍ରକାରର ସହାୟତା ସେବା ଯୋଗାଇ ଦେବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୨୦୦୯ ମସିହାରୁ ଆରମ୍ଭ ହୋଇଅଛି। ଗୋଟିଏ ସ୍ଥାନରେ ସବୁପ୍ରକାର ସୁବିଧା ଜଣେ ଭିନ୍ନକ୍ଷମଙ୍କୁ ଯୋଗାଇ ଦେବାକୁ ଏକ ଖସଡ଼ା ରାଜ୍ୟ ସରକାର ପ୍ରସ୍ତୁତ କରିଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର କରାଇବା, ଆୟ ଓ ବାସସ୍ଥାନ ପ୍ରମାଣପତ୍ର, ସହାୟକ ଉପକରଣ ନିରୂପଣ ଓ ପ୍ରଦାନ, ଭିନ୍ନକ୍ଷମ ଶିକ୍ଷାବୃତ୍ତି, ବୈଷୟିକ ଶିକ୍ଷା ଆଦି ପାଇଁ ପରାମର୍ଶ, କମ୍ ସୁଧ ହାରରେ ଋଣ, ଭିନ୍ନକ୍ଷମ ଭତ୍ତା, ବସ୍ ଓ ଟ୍ରେନ ପାସ ଆଦି ଯୋଗାଇ ଦେବା ଏହାର ଅଂଶବିଶେଷ। ତା ୧୮.୦୨.୨୦୧୮ ରିଖ ପ୍ରଥମ ଶିବିରରେ ଚିହ୍ନଟ ହୋଇଥିବା ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ଚଳିତ ମାସ ତା ୧୩.୦୮.୨୦୧୯ ରିଖ ମଙ୍ଗଳବାର ଦିନ ଆଳି ବ୍ଲକ ନିକଟସ୍ଥ






ବହୁମୂଖୀ ଆଶ୍ରୟସ୍ଥଳୀ ପରିସରରେ ଏହି କାର୍ଯ୍ୟକ୍ରମର ଏକ ସୁଯୋଗ ଜିଲ୍ଲା ଓ ବ୍ଲକ ପ୍ରଶାସନ ତରଫରୁ ଭିନ୍ନକ୍ଷମ ଭାଇଭଉଣୀମାନଙ୍କୁ ଯୋଗାଇ ଦିଆଯାଇଥିଲା।

ମାନ୍ୟବର ବିଧାୟକ ଆଳି, ଶ୍ରୀ ପ୍ରତାପ କେଶରୀ ଦେବ ଓ ଜିଲ୍ଲାପାଳ କେନ୍ଦ୍ରାପଡ଼ା ଶ୍ରୀ ସମର୍ଥ ବର୍ମା, ସମିତି ଅଧକ୍ଷ୍ୟା ଶ୍ରୀମତୀ ଝରଣା ଦାସ ଆଦି ଉପସ୍ଥିତ ରହି ୩୪୮ ଜଣଙ୍କୁ ଟଉଓଜ ପ୍ରମାଣପତ୍ର, ୧୨ ଜଣଙ୍କୁ ୩ ଚକିଆ ସାଇକେଲ, ୧୫ ଜଣଙ୍କୁ ହୁଇଲ ଚେୟାର ୮ ଜଣଙ୍କୁ ଜୋତା, ୧୮ ଜଣଙ୍କୁ କାଲିପର, ୩୫ ଜଣଙ୍କୁ କାନଯନ୍ତ୍ର, ୨୨ ଜଣଙ୍କୁ ଆଶାବାଡ଼ି, ଏବଂ ୧୦ ଜଣଙ୍କୁ ଦୃଷ୍ଟିହୀନ ଆଶାବାଡ଼ି ପ୍ରଦାନ କରାଯାଇଥିଲା, ଯାହା ରାଜ୍ୟ ସରକାରଙ୍କର ଭିନ୍ନକ୍ଷମମାନଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ସୂଚାଇଥାଏ।

# ଜି. ଆଇ ମାନ୍ୟତା ଅପେକ୍ଷାରେ କେନ୍ଦ୍ରାପଡ଼ା ର ପ୍ରସିଦ୍ଧ ରସାବଳୀ

ବଳଦେବଜୀଉଙ୍କର ମୁଖ୍ୟ ନୈବେଦ୍ୟ ଭାବେ ସମଗ୍ର ରାଜ୍ୟ ତଥା ଦେଶରେ ପ୍ରସିଦ୍ଧିଲାଭ କରିଥିବା ବହୁଚର୍ଚ୍ଚିତ 'ରସାବଳୀ'କୁ ଜି.ଆଇ ମାନ୍ୟତା ମିଳିବାର ପ୍ରସଙ୍ଗକୁ କେନ୍ଦ୍ର କରି ରାଜ୍ୟ ବିଧାନସଭା କକ୍ଷ ଠାରୁ ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଏକ ମୁଖ୍ୟ ଆଲୋଚନା ପ୍ରସଙ୍ଗ ହୋଇଅଛି । ବହୁ ବାଦ-ବିସଂବାଦ, ଯୁକ୍ତିତର୍କ ଦେଇ ପ୍ରତୀକ୍ଷିତ ଓଡ଼ିଶା ପ୍ରସ୍ତୁତ 'ରସଗୋଲା'କୁ ଖାଦ୍ୟ ସାରଣୀର ୩୦ ନମ୍ବର ଓ ଜାତୀୟ ଭୌଗଳିକ ଉପଦର୍ଶନ (ଜି.ଆଇ) ତାଲିକାର ୬୧୨ ନମ୍ବରରେ, ୧୯୯୯ ଭୌଗଳିକ ଉପଦର୍ଶନ ଦ୍ରବ୍ୟ ପଞ୍ଜିକରଣ ଓ ସୁରକ୍ଷା ଆଇନ ଅନୁଯାୟୀ ସ୍ଥାନୀତ କରାଯିବା ଫଳରେ ସମସ୍ତରାଜ୍ୟରେ ଖୁସିର ଲହରୀ ଅନୁଭୂତ ହୋଇଅଛି । ଅବଶ୍ୟ ଏହା ପୂର୍ବରୁ ୨୦୦୫-୦୬ ମସିହାରେ ଓଡ଼ିଶାର କୋଟପାଡ଼ ହସ୍ତତନ୍ତ ବସ୍ତ୍ର ଓ ଇଜତ, ୨୦୦୮-୦୯ରେ କୋଣାର୍କର ପ୍ରସ୍ତର ଖୋଦେଇ ଓ ପଟ୍ଟଚିତ୍ର ଓ ପିପିଲି ପ୍ରସିଦ୍ଧ ଚନ୍ଦୁଆ କାର୍ଯ୍ୟ, ୨୦୦୯-୧୦ରେ ଖଣ୍ଡୁଆ ଶାଢ଼ୀ ଓ ବସ୍ତ୍ର, ୨୦୧୧-୧୨ରେ ଗୋପାଳପୁରର ଟସର ବୁଣା ଗଞ୍ଜାମର କିଆଫୁଲ ଓ ଦ୍ରବଣ (ରୁହ) ୨୦୧୨-୧୩ ମସିହାରେ ଧଳା ପ୍ରସ୍ତର ପରଦା ଓ ତନ୍ତବୁଣା ବସ୍ତ୍ର, ସମ୍ବଲପୁରୀ ବାନ୍ଧଶାଢ଼ୀ, ତନ୍ତବୁଣା ଲୁଗା, ବୋମକାଇ ଶାଢ଼ୀ ଓ ଲୁଗା ଏବଂ ବ୍ରହ୍ମପୁରୀ ପାଟ (ପେଗଡ଼ା କୁମ୍ଭ) ଶାଢ଼ୀ ଓ ଯୋଡ଼, ୨୦୧୩-୧୪ରେ ଓଡ଼ିଶାର ବିଖ୍ୟାତ ପଟ୍ଟଚିତ୍ର ଏହି ମାନ୍ୟତା ହାସଲ କରିଅଛି ।

ବାସ୍ତବରେ ଜି.ଆଇ ମାନ୍ୟତାକୁ ସରଳ ଭାଷାରେ ବର୍ଣ୍ଣନା କଲେ, ଗୋଟିଏ ନିର୍ଦ୍ଦିଷ୍ଟ ଭୌଗଳିକ ସ୍ଥିତିଥିବା ଅଞ୍ଚଳରୁ ଉତ୍ପାଦିତ ଏକ ସାମଗ୍ରୀର ଗୁଣମାନ ଭିତ୍ତିରେ ତାହାକୁ ଏକ "ସ୍ୱତନ୍ତ୍ର ସାମଗ୍ରୀ" ମାନ୍ୟତା ପ୍ରଦାନ କରିବା । ବିଶ୍ୱବାଣିଜ୍ୟ ସଂଗଠନ (ଡ଼ବ୍ଲ୍ୟୁ. ଟି.ଓ) ଅନ୍ତର୍ଗତ ବୌଦ୍ଧିକ ଅଧିକାର ସଂପର୍କିତ ବାଣିଜ୍ୟ ପ୍ରତି ଲାଗୁ ହେଉଥିବା "ଟ୍ରିପସ୍" ନିୟମ କାନୁନର ଅନ୍ତର୍ଗତ ଏହି ଜି.ଆଇ ଏକ ଲିଖିତ ଆକାର ବା ଚିତ୍ର ଆକାରର ସରକାରୀ ଅନୁମୋଦନ । ଅର୍ଥାତ୍, ବ୍ୟବସାୟ ଦୃଷ୍ଟିରୁ ସଂପୃକ୍ତ ପଦାର୍ଥ ବଜାରରେ ସମ୍ମୁଖୀନ ହେଉଥିବା ପ୍ରତିଯୋଗିତାକୁ ସଂକୁଚିତ କରିଦେଇ ଏହାର ଉତ୍ପାଦକ ବା ଯୋଗାଣକାରୀ ମାନଙ୍କୁ ଏକପ୍ରକାର ଏକଛଟିଆ ଅଧିକାର ପ୍ରଦାନ କରିଥାଏ । ୨୦୧୫ ମସିହା ଠାରୁ ଓଡ଼ିଶାର ଇଷ୍ଟଦେବତା ଶ୍ରୀ ଜଗନ୍ନାଥଙ୍କୁ ନୈବେଦ୍ୟ ଭାବେ ସମର୍ପିତ ହେଉଥିବା "ରସଗୋଲା"କୁ କେନ୍ଦ୍ରକରି ଓଡ଼ିଶା ଓ ପଶ୍ଚିମବଙ୍ଗ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲେ ସୁଦ୍ଧା ଶେଷରେ "ରସଗୋଲା" ଜି.ଆଇ ମାନ୍ୟତା ପାଇଅଛି ।

'ରସଗୋଲା' ପରି ରସାବଳୀର ରହିଛି ପ୍ରାଚୀନତା ଓ ସୁଦୂର ପ୍ରସାରୀ ଇତିହାସ । ଉଭୟ ମିଷ୍ଟାନ ନୈବେଦ୍ୟର ପ୍ରଚଳନ ପର୍ବ ଆରମ୍ଭ ହୋଇଛି ଓଡ଼ିଶାରେ ଶାସନ କରୁଥିବା ଗଙ୍ଗବଂଶୀ ନରପତିଙ୍କ ଅମଳରୁ । ୧୧୭୦ ଖ୍ରୀ.ଅରେ ବିଶ୍ୱ ବିଖ୍ୟାତ ଶ୍ରୀମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା ପରେ ଗଙ୍ଗ ମହାରାଜା ତୃତୀୟ ଅନଙ୍ଗଭୀମ ଦେବ କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉ କୁ ୧୨୨୦ ଖ୍ରୀଷ୍ଟାବ୍ଦରେ ସମାପ୍ତ କରିଥିଲେ ଓ ମହାପ୍ରଭୁଙ୍କ ପୂଜା ନୀତି ପାଇଁ ୩୬୦୦୦ ଏକର ନିଷ୍କର ଭୂମି ଦାନ କରିଥିଲେ । ଏହି ମନ୍ଦିର ନିର୍ମାଣ ଦାୟିତ୍ୱ ତାଙ୍କର ପ୍ରଧାନମନ୍ତ୍ରୀ ତଥା ରାଜଗୁରୁ ଗୋବିନ୍ଦ ପାଟଯୋଶୀଙ୍କ ସାନଭାଇ ବତ୍ସସଗୋତ୍ରୀୟ ଜଗନ୍ନାଥ ପାଟଯୋଶୀ ନେଇଥିଲେ । ଉଭୟ ଦିଅଙ୍କ ନିମିତ୍ତ ମହାରାଜା ଅନଙ୍ଗଭୀମ ଦେବ 'ରସଗୋଲା' ଓ 'ରସାବଳୀ' ନୈବେଦ୍ୟ ପ୍ରଚଳନ କରିଥିଲେ । 'ରସାବଳୀ' ସଂପର୍କୀତ ବର୍ଣ୍ଣନା ଆମେ ମହାପୁରୁଷ ବଳରାମ ଦାସଙ୍କ ଦ୍ୱାରା ଲିଖିତ 'ଦାଣ୍ଡି ରାମାୟଣରେ ଦେଖିବାକୁ ପାଇଥାଉ । ୧୯୧୨ ମସିହାରେ ସ୍ୱର୍ଗତ ଗୋବିନ୍ଦ ରଥଙ୍କ ଦ୍ୱାରା ମୁଦ୍ରିତ 'ଦାଣ୍ଡି ରାମାୟଣ' ର ୮୮ ପୃଷ୍ଠାରେ ସେ ଲେଖିଛନ୍ତି ଯେ ରାମଙ୍କ ବନବାସ ପରେ ଭରତ ଓ ଶତୃଘ୍ନ ତାଙ୍କୁ ଫେରାଇ ଆଣିବା ପାଇଁ ମହର୍ଷି ଭରଦ୍ୱାଜଙ୍କ ଆଶ୍ରମକୁ ଯାଇ ସେଠାରେ ଆତିଥ୍ୟ ଗ୍ରହଣ କରିଅଛନ୍ତି । ଋଷି ମାୟା ବ୍ରାହ୍ମଣଙ୍କ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଇ ଭରତ, ଶତୃଘ୍ନ ଓ ତାଙ୍କ ଅନୁଚରମାନଙ୍କୁ ପରିବେଷଣ କରିଅଛିନ୍ତି । ବର୍ଣ୍ଣନା - "ନାଡ଼ୀ ସରପୁଳି ଯେ ଆରିଷା ଛେନାପୁରୀ / କାକରା ଛେନା ଲଡୁ ଯେ ମାଲପୁଆ ପୁରୀ । କୋରା ରସଗୋଲା ଯେ ଅମୃତ ରସାବଳୀ / ମଣ୍ଡା ଲାନମାନ ଅମୃତ ପାଣି କଦଳୀ । (ଅଯୋଧ୍ୟା କାଣ୍ଡ) ଏଠାରେ ପ୍ରକାଶ ଥାଉକି ମହାପୁରୁଷ ବଳରାମ ଦାସ ହେଉଛନ୍ତି ୧୬ଶ ଶତାବ୍ଦୀର ଖ୍ୟାତନାମା କବି ଓ ସେ ପଞ୍ଚସଖାଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ । ମାଧବ ପଟ୍ଟନାୟକ (ପଞ୍ଚ ସଖାଙ୍କ ସମୟର)ଙ୍କ ରଚିତ "ବୈଷ୍ଣବ ଲୀଳାମୃତ" ପୁସ୍ତକରୁ ଜଣାପଡ଼େ ଯେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସହିତ ପ୍ରଦିବର୍ଷ (୧୫୨୨ ଖ୍ରୀ.ଅ ରୁ ୧୫୩୦ ଖ୍ରୀ.ଅ.) ପଞ୍ଚସଖାଗଣ ତୁଳସୀକ୍ଷେତ୍ରକୁ ଆଗମନ କରୁଥିଲେ । ବର୍ଣ୍ଣନା- ଦିନେକ ପ୍ରଭୁ ହକାରିଲେ/ ପଞ୍ଚସଖାଙ୍କୁ



ଆସ ବୋଇଲେ । ଆସ ହୋ ସ୍ୱାମୀ ବଳରାମ/ ଆସ ଅଚ୍ୟୁତ ଅନନ୍ତେଣ । କରିବା କୀର୍ତ୍ତନ ପ୍ରଚ୍ଛର / ଭ୍ରମିବା ନଗର ନଗର । ୦୦ ସେଥେ କିଛିଦିନ ରହଣୀ / ତୁଳସୀ କ୍ଷେତ୍ରେ ବିଜେ ପୁଣି / ତହିଁ ବଳଦେବ ଦର୍ଶନ / କରନ୍ତି ପ୍ରସାଦ ସେବନ । ଏଥିରୁ ଅନୁମତି ହୁଏ ଯେ ଶ୍ରୀବଳଦେବଙ୍କ ନିକଟରେ ତତ୍ ସମୟରେ ରସାବଳୀ ସେବନ କରି ବଳରାମ ଦାସ ଏ ସଂପର୍କରେ ଉଲ୍ଲେଖ କରିଅଛନ୍ତି । କେବଳ ବଳରାମ ଦାସ ନୁହଁନ୍ତି, ଭବିଷ୍ୟବକ୍ତା ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ତାଙ୍କ 'ଗୁରୁଭକ୍ତି ଗୀତା'ର ଅଷ୍ଟାଦଶ ପଟଳ (୨୮୩ ପୃଷ୍ଠା) ରେ "ଏଠାରେ ପୂଜା ରସାବଳୀ" ବୋଲି ଉଲ୍ଲେଖ କରିଅଛନ୍ତି । ଉତ୍କଳୀୟ ପ୍ରାଚୀ ଗ୍ରନ୍ଥମାଳା (ସଂସ୍କୃତ)-୧୨ ର ବାସୁଦେବ କବିରାଜଙ୍କ ବିରଚିତ "ଗଙ୍ଗାବଂଶାନୁଚରିତମ୍" (ଚମ୍ପୁକାବ୍ୟ) ର ତୃତୀୟ ପରିଚ୍ଛେଦର ୩୫ ଶ୍ଳୋକରେ ଝିଲି, କାକରା, ସରପୁଳି, ପେଡ଼ାପୁଳି, ମଣ୍ଡା, ଏଣ୍ଡୁରୀ, ନାଡ଼ିକୋରା, କ୍ରାନ୍ତି, ରସାବଳୀ, ଖଜା, ଆରିଷା ଓ ଖିରିଷା ଆଦିର ବର୍ଣ୍ଣନା ଦେଖିବାକୁ ମିଳିଥାଏ । ଏହି କାବ୍ୟଟି ୧୭୬୦-୬୧ ଖ୍ରୀଅରେ ରଚିତ ହୋଇଥିଲା । କେନ୍ଦ୍ରାପଡ଼ାର ପ୍ରାଚୀନ କବି ଛେଦରା କିଲ୍ଲା ରାଜବଂଶ ସମ୍ଭୂତ କବି ରଙ୍ଗାଧର ନରେନ୍ଦ୍ର ତାଙ୍କ ଜଣାଣରେ ଲେଖିଛନ୍ତି- ବଡ଼ଭୋଗ ରସାବଳୀ ତବ, ଅମୃତମଣୋହି ଖାଇଣ ଭୋଳ ହେ / କହେ ରଙ୍ଗାଧର ନରେନ୍ଦ୍ର ଦିନ ତବ ନାମ ଗାଇ ଯାଉ ମୋ' କାଳ ହେ । ସେହିପରି ଗୁରୁ ଶ୍ରେଷ୍ଠ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଲେଖିଛନ୍ତି- ରସାବଳୀ ବିଖ୍ୟାତ, ସୁଆଦିଆ କେମନ୍ତ ତହିଁ ବିଜେ ବଳବନ୍ତ କନ୍ଦରାରୀ / କଳିରେ କେଉଁଭଳି ମହିମା ହେବ କଳି ତୁଳସୀ ଗଳାମାଳିଆ ବଇଭିକାରୀ । "ରସଗୋଲା" ର ବରିଷ୍ଠ ଗବେଷକ ଅସିତ୍ ମହାନ୍ତିଙ୍କ ଭାଷାରେ "ଏଣୁ ଶ୍ରୀମନ୍ଦିର ଛପନ ଭୋଗ ଅନ୍ତର୍ଭୁକ୍ତ ଝିଲ୍ଲୀ ଓ କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କ ରସାବଳୀର ପରମ୍ପରା କଲିକତା "ଛେନାବଡ଼ା" ର ବହୁ ପୂର୍ବବର୍ତ୍ତୀ ବୋଲି ଅନାୟାସରେ କୁହାଯାଇପାରେ । ଏଣୁ ବଙ୍ଗଳାର 'ଛେନାବଡ଼ା' ଯଦି 'ରସଗୋଲା' ର ବୃଦ୍ଧ ପ୍ରପିତାମହ, ତେବେ ଓଡ଼ିଶାର ସମଜାତୀୟ ଛୋନାଝିଲ୍ଲୀ ଓ ରସାବଳୀ ହେବ ତାହାର ପ୍ରବୃଦ୍ଧ ପିତାମହ (ଶ୍ରୀ ଜଗନ୍ନାଥଙ୍କ ରସଗୋଲା- ପୃଷ୍ଠା-୩୮) । ରସାବଳୀ ସଂପର୍କରେ "ପୂର୍ଣ୍ଣଚନ୍ଦ୍ର ଭାଷାକୋଷ" ର ଷଷ୍ଠଖଣ୍ଡ- ୭୦୨୨ ପୃଷ୍ଠାରେ ଲେଖାଅଛି- ରସାବଳୀ ଏକ ପୂଜା ସାମଗ୍ରୀ । ଏହା ବିଶେଷ ଭାବରେ କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ଶ୍ରୀବଳଦେବଙ୍କ ନିକଟରେ ଭୋଗ ହୋଇଥାଏ ।"


ଇତିହାସର ବିଡ଼ମ୍ବନା ଏହା ଯେ ୧୬୬୩ ଖ୍ରୀଷ୍ଟାବ୍ଦ ଜୁନ୍ ୧୭ ତାରିଖ ଦିନ ଶ୍ରୀବଳଦେବଙ୍କ ସହରସ୍ଥିତ ପ୍ରାକ୍ତନ ଗଗନସ୍ପର୍ଶୀ ମନ୍ଦିରକୁ ମୋଗଲ ସୁବାଦାର ଖାନ-ଇ-ଦୌରାନ ଭାଙ୍ଗିଲା ପରେ ମହାପ୍ରଭୁ ପ୍ରାୟ ଦୀର୍ଘଦିନ ଧରି ବିଲୁପ୍ତ ମଧୁସାଗର କୂଳସ୍ଥ ନିଘଞ୍ଚ ଅରଣ୍ୟସ୍ଥିତ ଏକ ବିରାଟ ବଟବୃକ୍ଷ ତଳେ (ସଖୀବଟ) ପୂଜା ପାଇବା ପରେ ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ବର୍ତ୍ତମାନର ମନ୍ଦିରରେ ପୁନଃ ପୂଜା ପାଇଥିଲେ । ତେବେ ଘଟଣା ଚକ୍ରରେ ମରହଟ୍ଟା ଶାସନ ଜାନୁଜୀ ଭୋସେଲାଙ୍କର ଜଣେ ରକ୍ତ ସଂପର୍କୀୟ ସାଧୁ ଷଡ଼ ଗୋପୀ ରାମାନୁଜ ଦାସ ଶ୍ରୀବଳଦେବଜୀଉଙ୍କ ମନ୍ଦିରର ପରିଚାଳନା ଭାରପ୍ରାପ୍ତ ହୋଇଥିଲେ । ଏହି ଏମାର ମଠ ଶିଷ୍ୟ ପଣ୍ଡିମା ସାଧୁଜଣକ ୧୭୫୧ ମସିହାରେ ପୁନର୍ବାର ଧାରାବାହିକ ଭାବରେ 'ରସାବଳୀ' ନୈବେଦ୍ୟ ମହାପ୍ରଭଙ୍କ ନିମନ୍ତେ ଖଞ୍ଜା କରିଥିଲେ । ପ୍ରକାଶଥାଉକି ଉକ୍ତ ଦିନଠାରୁ ଆଜି ପର୍ଯ୍ୟନ୍ତ ଶ୍ରୀବଳଦେବ ମହାପ୍ରଭୁ ଅବିଚ୍ଛିନ୍ନ ଭାବେ "ରସାବଳୀ" ମଣୋହି ହୋଇ ଆସୁଅଛନ୍ତି ।


ମନ୍ଦିରରୁ ପ୍ରାପ୍ତ ହସ୍ତଲେଖା ବିବରଣୀରୁ ଓ ବରିଷ୍ଠ ସେବାୟତ ମାନଙ୍କ ଠାରୁ ସଂଗୃହୀତ ତଥ୍ୟାନୁଯାୟୀ ପ୍ରଥମେ ରସାବଳୀ- ଗୋ-ଘୃତ, ଦୁଗ୍ଧ-ଛେନା, ଗୁଡ଼ (ଦୋରୁଅ) ଓ ଖାଣ୍ଟି ଗୋ-ଦୁଗ୍ଧରୁ ପ୍ରସ୍ତୁତ କରାଯାଉଥିଲା । ମାତ୍ର ୧୯୦୨ ମସିହା ଠାରୁ ଚିନି ପ୍ରଚଳନ ଫଳରେ ଗୁଡ ବଦଳରେ ଚିନିକୁ ଗ୍ରହଣ କରାଯାଇଅଛି । ଅତୀତରେ 'ରସାବଳୀ' କେବଳ ମନ୍ଦିର ମଧ୍ୟରେ ବ୍ରାହ୍ମଣସେବକ (ଗୁଡ଼ିଆ-ବ୍ରାହ୍ମଣ) ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିଲା । ମାତ୍ର ୧୯୪୨ ମସିହାରେ ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ଉତ୍ସାହିତ କରିବା ପାଇଁ ଅଧିକ ରସାବଳୀ ବାଣ୍ଟିବାର ଆବଶ୍ୟକତା ପଡ଼ିବାରୁ ମନ୍ଦିର ବାହାରେ ଏହାକୁ ସର୍ବପ୍ରଥମେ ତିଆରି କରାଯାଉଥିଲା । ସେହିଦିନ ପରେ ରସାବଳୀ ମନ୍ଦିର ବାହାରେ, କେନ୍ଦ୍ରାପଡ଼ା ସହରରେ ଏବଂ ପରେ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ପ୍ରସ୍ତୁତ କରାଯାଉଅଛି ।


ରସାବଳୀ ତିଆରି କରିବା ପାଇଁ ବିଶେଷ କିଛି କରିବାକୁ ପଡ଼ିନଥାଏ । ସେବକମାନଙ୍କ ମତରେ ୧ କିଲୋଗ୍ରାମ ପାଣି ନଥିବା ଦୁଗ୍ଧଛେନା, ୧୫୦ ଗ୍ରାମ ହାତପେଷା ଗହମ ଅଟା, ୩୦୦ ଗ୍ରାମ ଗୁଆ ଘିଅ, ଖାଣ୍ଟି ଗୋ-ଦୁଗ୍ଧ ଦୁଇସେର (୨୫୦୦ଲି), ୫୦୦ ଗ୍ରାମ ଚିନି ଓ ଦୁଇଟା ଅଳେଇଚ ରୁ ୫୦ ଗୋଟି ଉତ୍ତମ ସୁସ୍ୱାଦ ରସାବଳୀ ପ୍ରସ୍ତୁତ କରାଯାଇ ପାରିବ । ମାତ୍ର ଧ୍ୟାନ ରଖିବାକୁ ପଡ଼ିବ ଯେ ଏସବୁ ସରଞ୍ଜାମ ସତ୍ତ୍ୱେ ତିଆରି କରିବା ବ୍ୟକ୍ତି ରସାବଳୀ ପ୍ରସ୍ତୁତି ବିଷୟରେ ରସାବଳୀ ବିଶେଷଜ୍ଞମାନଙ୍କ ଠାରୁ ଶିକ୍ଷା କରିବା ଦରକାର । ପ୍ରସ୍ତୁତ ରସାବଳୀକୁ ଯଥାସମ୍ଭବ ନୈବେଦ୍ୟ ଭାବେ ଦେବତାଙ୍କୁ ସମର୍ପଣ କରିବାର ବିଧି ରହିଅଛି । ଭୋଗ ହୋଇଥିବା ରସାବଳୀର ପରମାୟୁ ମାତ୍ର ୮ ଘଣ୍ଟା ଅଟେ । ଧ୍ୟାନ ରଖିବାକୁ ହେବ ଯେ ରସାବଳୀ 'ଫ୍ରିଜ'ରେ ସଂରକ୍ଷିତ ହୋଇପାରେ ନାହିଁ ।

ଓଡ଼ିଶାର ଯେଉଁ ସ୍ଥାନରେ ରସାବଳୀ ବିକ୍ରି ହେଲେ ମଧ୍ୟ ତାହା "କେନ୍ଦ୍ରାପଡ଼ା ରସାବଳୀ" ନାମରେ ହିଁ ବିକ୍ରି ହୋଇଥାଏ । ତେବେ ରସାବଳୀ କେବଳ କେନ୍ଦ୍ରାପଡ଼ାବାସୀଙ୍କର ନୁହେଁ, ପରନ୍ତୁ ସମଗ୍ର ଓଡ଼ିଶାଙ୍କର ପ୍ରିୟ ନୈବେଦ୍ୟ ସାମଗ୍ରୀ, ତେଣୁ ଏହି ସ୍ୱାଭିମାନଙ୍କୁ ଯଥା ସମ୍ଭବ 'ଜି.ଆଇ' ମୋହର ମିଳିବା ଦରକାର । ଏଥିପାଇଁ ଓଡ଼ିଶାର ଜନସାଧାରଣ, ଜିଲ୍ଲା ପ୍ରଶାସନ ଓ ସର୍ବୋପରି ରାଜ୍ୟ ସରକାରଙ୍କର ଆବଶ୍ୟକ ପଦକ୍ଷେପ ନେବାର ନିହାତି ପ୍ରୟୋଜନ ରହିଛି ।

– ନିରଂଜନ ମେକାପ







ସମ୍ପାଦକ : ଚନ୍ଦ୍ରକାନ୍ତ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ; ଡ଼ ବିରଜା ରାଉତରାୟ, ଡେପୁଟି କଲେକ୍ଟର ଓ ସମ୍ପାଦନା ମଣ୍ଡଳୀ

ପ୍ରକାଶକ : ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ, କେନ୍ଦ୍ରାପଡ଼ା ମୁଦ୍ରଣ : ବଳଦେବ ପ୍ରେସ, କେନ୍ଦ୍ରାପଡ଼ା